# ପ୍ରଦେଶ ଭିନ୍ନ; ବନ୍ଧୁତ୍ୱପୂର୍ଣ୍ଣ ଜୀବନ ଜିଉଁଛନ୍ତି ସୀମାନ୍ତବାସୀ





ଜଳେଶ୍ୱର,୨୦।୧୨ (ଜଗନ୍ନାଥ ଗୋଛାୟତ)

କଥାରେ କହନ୍ତି ଭଲ ପାଇବା ଓ ବନ୍ଧୁତ୍ୱ ସୀମା ସରହଦ, ବାଧା ବିଘ୍ନ କିଛି ମାନେନି। ଜଳେଶ୍ୱର ସହରଠାରୁ ୩୦ କିମି ଦୂର ରାଇବଣିଆର ଓଲମାରା ଓ ମାକଡିଆ ସନ୍ନିକଟ ସୁବର୍ଣ୍ଣରେଖା ନଦୀ ପଶ୍ଚିମବଙ୍ଗ ଓ ଓଡ଼ିଶାକୁ ବିଭାଜିତ କରୁଥିଲେ ମଧ୍ୟ ସମ୍ପର୍କରେ ଭଟ୍ଟା ପଡ଼ିନାହିଁ। ସହର ଚାକଚକ୍ୟଠାରୁ ଦୂର, ସବୁଜିମାରେ ପରିପୂର୍ଣ୍ଣ ନଦୀ କୂଳିଆ ଓଲମାରା ମାକଡିଆ ପଞ୍ଚାୟତର ଅଧିବାସୀଙ୍କ ଜୀବନ ଶୈଳୀ ଅତ୍ୟନ୍ତ ନିଆରା ଓ ସଂଘର୍ଷପୂର୍ଣ୍ଣ।

ସୁବର୍ଣ୍ଣରେଖା ନଦୀକୂଳ, ଉର୍ବର ମୃତ୍ତିକାରେ ଅଜସ୍ର ପନିପରିବା ଫସଲ ଅଞ୍ଚଳବାସୀଙ୍କୁ ସମୃଦ୍ଧ କରୁଥିବାବେଳେ ବିଶ୍ୱ ପ୍ରସିଦ୍ଧ ମାକଡିଆ ଟସର କାରିଗରୀ କୁଟୀର ଶିଳ୍ପ ଅଞ୍ଚଳକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଅଞ୍ଚଳବାସୀ ବଙ୍ଗାଳୀ ମିଶା ଦ୍ୱଖଣ୍ଡୀ ଭାଷା କହୁଥିବା ବେଳେ ବଙ୍ଗଳା ପାଞ୍ଜି, ସଂସ୍କୃତି, ପରମ୍ପରା ମତେ ବିଭିନ୍ନ ପର୍ବପର୍ବାଣୀ ପାଳନ କରିଥାନ୍ତି। ଜଳେଶ୍ୱର ବ୍ଲକ ଓଡିଶା ସୀମାନ୍ତ ସର୍ଦ୍ଦାର ବନ୍ଧ ପଞ୍ଚାୟତ ଚୁଡ଼ାମଣିପୁର ଗାଁ ପଶ୍ଚିମବଂଗ ସୀମା ସ୍ଥଳ ଭାଗକୁ ଲାଗିଥିବା ବେଳେ ସେହିଠାରୁ ସୁବର୍ଣ୍ଣରେଖା ନଦୀ ଦୁଇ ପ୍ରଦେଶକୁ ଅଲଗା କରିଆସୁଛନ୍ତି। ସେହିଠାରୁ ଓଡ଼ିଶାର ରାଉତରା ପୁର, ବିଳାସ ପୁର, ଓଲମାରା ପଞ୍ଚାୟତ, ମାକଡିଆ ପଞ୍ଚାୟତର କୁଅଁର ପୁର, ଖୁଦିଆ ମାଝି ସାହି ପଞ୍ଚାୟତର ଟୋଟା ପଡ଼ା, ଗଡ଼ ସାହି, ମୁଣ୍ଡୁତୁଣିଆ, ବେହେରା ସାହି, ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତ ନଦୀ କୂଳେ କୂଳେ ରହିଛି। ସେହିପରି ସୁବର୍ଣ୍ଣରେଖା ନଦୀର କଡେ କଡେ ପଶ୍ଚିମବଂଗ, ମେଦିନୀପୁର ଜିଲ୍ଲାର ବଡ ବାଘଡା, କଟି ବିଘଡା, ବାଲି ଡାଙ୍ଗରୀ, ବାରାସାତୀ, ପାନ ତୁଣିଆ, ଗୋରତ୍ ପୁର, ପଳାଶିଆ, ମାଲପଡା, ସୋନା କଣିଆ ଆଦି ଗାଁ ଗୋବରଘାଟା ପଞ୍ଚାୟତଠାରେ ଶେଷ ହୋଇଛି। ସୁବର୍ଣ୍ଣରେଖା ନଦୀ ପ୍ରାକୃତିକ ଭାବେ ସୀମା ନିର୍ଦ୍ଧାରଣ କରୁଥିବା ବେଳେ ନଦୀ ସେପାରି ଅବସ୍ଥିତ ବିସ୍ତୀର୍ଣ୍ଣ ଓଡ଼ିଶା ମାଲିକାନାରେ ଥିବା ବାଲି ସୈରାତ ଉପରେ ବେଙ୍ଗଲର କବଜା ରହିଛି। ବିଭିନ୍ନ ସମୟରେ ବାଲି ଉତ୍ତୋଳନ ଓ ମାଲିକାନାକୁ ନେଇ ବାଦ ବିବାଦ ଉପୁଜୁଥିବା ବେଳେ ବହୁ ବାର ଦ୍ୱିପାକ୍ଷିକ ବୈଠକ ଆଲୋଚନା ଅନୁଷ୍ଠିତ ମଧ୍ୟ ହୋଇସାରିଛି। ଏପରିକି ସାଟେଲାଇଟ୍ ମାଧ୍ୟମରେ ସୀମା ନିର୍ଧାରଣ ଓ ସ୍ଥଳ ଭାଗରେ ମାପଚୁପ ମଧ୍ୟ ହୋଇ ବହୁ ସ୍ଥାନରେ ଖୁଣ୍ଟି ମାନ ପୋତା ଯାଇଛି। ଜଳେଶ୍ୱର ବଜାର ୩୦ କିମି ଦୂର ହୋଇଥିବାରୁ ଅଞ୍ଚଳବାସୀ ୪ କିମି ନିକଟ ପଶ୍ଚିମବଙ୍ଗ ଦାନ୍ତୁନ ଓ ବେଲଦା ବଜାର ଉପରେ ଅଧିକ ନିର୍ଭର କରିଥାନ୍ତି। ବିଶେଷ କରି ପ୍ରଚୁର ଉତ୍ପନ୍ନ ଅର୍ଥକାରୀ ଫସଲର ପରିବହନ ଓ ବିକ୍ରୟ ପାଇଁ ସୁବର୍ଣ୍ଣରେଖା ନଦୀ ବାଧକ ହୋଇଥାଏ। ତେଣୁ ପଞ୍ଚାୟତ ପକ୍ଷରୁ ସରକାରୀ ଭାବେ ୨ କିମି ବ୍ୟାପ୍ତ ମାକଡିଆ ନଦୀ ଘାଟ ନିଲାମ ହୋଇ ନୌକା ଦ୍ୱାରା ଯାତାୟାତ ହୋଇଥାଏ। ଅନ୍ୟ ସମୟରେ ନଦୀ ଗର୍ଭରେ ଅସ୍ଥାୟୀ ରାସ୍ତା ନିର୍ମାଣ ହୋଇ ଅପେକ୍ଷାକୃତ ସହଜ ଚଳ ପ୍ରଚଳ ହୋଇଥାଏ। ପ୍ରଦେଶ, ଭାଷା, ଭିନ୍ନ ଓ ନଦୀ ପ୍ରମୁଖ ବାଧକ ସାଜୁଥିଲେ ମଧ୍ୟ ୨ ଅଞ୍ଚଳବାସୀ ବନ୍ଧୁତ୍ୱ ପୂର୍ଣ୍ଣ ଜୀବନ ବିତାଇ ଆସୁଛନ୍ତି। ନୂତନ ପ୍ରଦେଶ ଗଠନ ପୂର୍ବରୁ ଓଡ଼ିଶା ରାଜ୍ୟରେ ମେଦିନୀପୁର ଜିଲ୍ଲା ଅନ୍ତର୍ଭୁକ୍ତ ରହିଥିଲା। ତେଣୁ ଏହି ଦୁଇ ଅଞ୍ଚଳରେ ଓଡିଆ, ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଅଙ୍ଗାଅଙ୍ଗୀ ଭାବେ ଜଡିତ। ବୈବାହିକ ସମ୍ବନ୍ଧଠାରୁ ଆରମ୍ଭ କରି ପର୍ବ ପର୍ବାଣୀ, ଯାନୀ ଯାତ, ଖାଦ୍ୟ ପେୟ, ପୋଷାକ ପରିଚ୍ଛଦର ବହୁ ସମାନତା ଓ ଆତ୍ମିକ ଭାବ ରହିଛି। ଉତ୍କଳ ସମ୍ମିଳନୀ ପକ୍ଷରୁ ପଶ୍ଚିମବଂଗରେ ବୈବାହିକ ଜୀବନ ଯାପନ କରୁଥିବା ଓଡିଆ ବୋହୂଙ୍କୁ ନେଇ ଚାଟଶାଳୀରେ ଓଡିଆ ଶିକ୍ଷା ପ୍ରଦାନ ମଧ୍ୟ ହେଉଛି। ଦୁଇ ରାଜ୍ୟର ସୀମାନ୍ତ ବାସୀଙ୍କ ମଧ୍ୟରେ ବହୁ ପାରମ୍ପାରିକ, ଆନ୍ତରିକ, ରକ୍ତ ଗତ ସମ୍ପର୍କ ବିଭିନ୍ନ କ୍ଷେତ୍ରରେ ସେମାନଙ୍କୁ କେବେ ଅଲଗା କରିପାରି ନାହିଁ। କିନ୍ତୁ ପଶ୍ଚିମବଂଗ ସୀମାନ୍ତ ଅଞ୍ଚଳରେ ବହୁ ସମୟରେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ, ଚାଲାଣ ଓ ଅସାମାଜିକ ତତ୍ତ୍ୱଙ୍କ ଯୋଗୁଁ ବିବାଦ ମାନ ସ୍ଥିତ ମାନ ଉପୁଜିଥାଏ। ଉଭୟ ରାଜ୍ୟ ପ୍ରଶାସନର ହସ୍ତକ୍ଷେପ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ବୈଠକ ଆଲୋଚନାରେ ସମସ୍ୟାର ଆଶୁ ସମାଧାନ ହୋଇ ଏବେ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ବଜାୟ ରହିଛି। ମାକଡିଆଠାରେ ଏକ ପୋଲ ନିର୍ମାଣ ପାଇଁ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଏବଂ ଦାନ୍ତୁନ ବିଧାୟକ ବିକ୍ରମ ପାତ୍ରଙ୍କ ସହ ବୈଠକରେ ଆଲୋଚନା ମଧ୍ୟ ହୋଇସାରିଛି। ପଶ୍ଚିମବଙ୍ଗର ସହଭାଗିତାରେ ପୋଲ ନିର୍ମାଣ ଲାଗି ଓଡ଼ିଶା ସରକାର ଅଧିକ ଆଗ୍ରହ ଦେଖାଉଥିବା ବେଳେ ପଶ୍ଚିମବଂଗ ସରକାର ବିଶେଷ ଆଗ୍ରହୀ ନାହାଁନ୍ତି। ଏହି ପୋଲ ନିର୍ମାଣ ହେଲେ ଜାତୀୟ ରାଜପଥକୁ ମାତ୍ର ୪ କିମି ଦୂର ହେଉଥିବା ବେଳେ ଅଞ୍ଚଳବାସୀ ଙ୍କୁ ୩୦ କିମି ବୁଲିବାକୁ ପଡୁଛି। ଏମିତିକି ସୀମାନ୍ତ ଦାନ୍ତୁନ ଅଞ୍ଚଳର ଅଧିବାସୀଙ୍କୁ ଭସରା ଘାଟ ରାସ୍ତାରେ ୩୫ କିମି ଦୂର ବୁଲି ଖଡ଼ିକା, ଝାଡଖଣ୍ଡ ରାଞ୍ଚି ଅଞ୍ଚଳକୁ ଯିବାକୁ ପଡୁଛି। ଏହି ପୋଲ ନିର୍ମାଣ ଓ ସଡ଼କ ସଂଯୋଗରେ ପଶ୍ଚିମବଂଗରୁ ମୟୂରଭଞ୍ଜ, ଝାଡ଼ଖଣ୍ଡକୁ ଏକ ଯୋଗଯୋଗ ସହଜ ହୋଇ ପାରିବ। ଏହି ପୋଲ ନିର୍ମାଣ ହେବା ଦ୍ୱାରା ୧୫ କିମି ରାସ୍ତା କମ୍ ହେବା ସହିତ ୨ ଅଞ୍ଚଳର ଜନଜୀବନ ସୁଖମୟ ଓ ଗମନାଗମନ ସୁଗମ ହୋଇପାରିବ ବୋଲି ଅଞ୍ଚଳବାସୀ କହିଛନ୍ତି। ବିଶେଷ ଭାବେ ନଦୀ ସେପାରି ବୃହତ୍ ଦାନ୍ତୁନ ଗ୍ରାମୀଣ ମେଳା, ଐତାହାସିକ ପୌଷ ମାସିଆ ବିଶାଳ ସରଶଙ୍କା ମେଳା, ଓଡ଼ିଶା ପଟେ ମାକଡିଆ ମାଘ ମେଳା, ଓଲମାରା ଦୁର୍ଗା ପୂଜା, ରାବଣ ପୋଡି, ବାଲିଯାତ୍ରା, ଫୁଟବଲ୍, କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଦି ଉତ୍ସବକୁ ଲୋକେ ସହଜରେ ଉପଭୋଗ କରିବା ସହ ମୈତ୍ରୀ, ପ୍ରୀତି ଓ ସଦଭାବନା ଦୃଢୀଭୂତ ହୋଇଥାଏ। ଏହା ସହିତ ରାଇବଣିଆ,ଐତିହାସିକ ଗଡ଼ ଓ ସର୍ଦ୍ଦାର ବନ୍ଧ,ପ୍ରସିଦ୍ଧ ମାକଡିଆ ଟସର ଶାଢ଼ୀ କ୍ରୟ ପାଇଁ ପର୍ଯ୍ୟଟକ ଓ ବଙ୍ଗୀୟ ଆଗମନକୁ ଆସିବା ସହଜ ହୋଇପାରିବ। କୃଷକଙ୍କ ଲାଗି ଧାନ, ଅନ୍ୟ ଫସଲର ସହଜ ପରିବହନ, ଗ୍ରାମ୍ୟ ବ୍ୟବସାୟ ଓ ଅଞ୍ଚଳକୁ ତ୍ୱରିତ ପ୍ରଶାସନର ଆଗମନ ସହଜ ହେବ ବୋଲି ଅଞ୍ଚଳବାସୀ ଜଣାଇଛନ୍ତି।

## ଶ୍ରୀକାନ୍ତ ମୋକ୍ଷଦା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଭୋଗରାଇ, ୨୦।୧୨ (ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ବହ୍ଲାରପୁର ଗ୍ରାମରେ ଥିବା ଶ୍ରୀକାନ୍ତ ମୋକ୍ଷଦା ସରକାରରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସିଆରସିସି ଚନ୍ଦନ କୁମାର ଜେନା, ମୁଖ୍ୟବକ୍ତା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଞ୍ଜନ ଦାସ ଉପସ୍ଥିତ ହୋଇ ଛାତ୍ରଛାତ୍ରୀ ଖେଳ କୁଦ କଲେ ଶାରୀରିକ ଓ ମାନସିକ ଅଭିବୃଦ୍ଧି ଘଟିଥାଏ ବୋଲି ମତବ୍ୟକ୍ତ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଜୟନ୍ତ କୁମାର ପଣ୍ଡାଙ୍କ ପରିଚାଳନାରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର କରାଯାଇଥିଲା। ଏଥିରେ ଶିକ୍ଷକ ଅରୁଣ ସେନାପତି, ଗୋବିନ୍ଦ ସିଂ, ବିକ୍ରମ ଦେ, ପ୍ରକାଶ ଦାସ, ଶିକ୍ଷୟତ୍ରୀ ସାଧନା ଜେନା, ସ୍ୱାଗତିକା ଦାସ, ସଞ୍ଜୁଲତା ସାହୁ, ମାଳତୀ ହେମ୍ବ୍ରମ, ପୂର୍ଣ୍ଣିମା ଗିରି, ରତ୍ନମଣି ପାତ୍ର, ମଧୁମିତା ଦାସ, ଶିକ୍ଷା କର୍ମଚାରୀ ପ୍ରଦୀପ ରଥ, ଅନନ୍ତ ବେଜ ସହଯୋଗ କରିଥିବାବେଳେ ଶିକ୍ଷକ ପ୍ରଦୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସୀତାନାଥ ସ୍ମାରକୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




କାଳିପଦା, ୨୦।୧୨ (ସମିସ): ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତ ଅଧିନସ୍ଥ ସୀତାନାଥ ସ୍ମାରକୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିକ୍ଷାକେନ୍ଦ୍ରର ଗୁରୁଜୀ ଦେବବ୍ରତ ବିଶ୍ୱାଳ ସଭା ପରିଚାଳନା କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର ସିଂ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବାଲିଆପାଳ ବ୍ଲକ ଏ ବିଓ ନମିତା ପ୍ରଭା ସାମଲ, ସମ୍ମାନିତ ଅତିଥି ଭାବେ ଜାମକୁଣ୍ଡା କ୍ଲଷ୍ଟର ସିଆରସିସି ତଥା ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଂଜନ ଘଡାଇ, ମୁଖ୍ୟବକ୍ତା ଭାବେ ବିଷ୍ଣୁ ମୋହନ ଦାସ ଯୋଗଦେଇ ପିଲାମାନଙ୍କୁ ବହୁତ ଶିକ୍ଷଣୀୟ ବାର୍ତ୍ତା ଦେଇଥିଲେ। ସୀତାନାଥ ସ୍ମାରକୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ଦେଇଥିବାବେଳେ ଗୁରୁଜୀ ଜ୍ୟୋତିପ୍ରକାଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ପରିଡା, ଗୁରୁଜୀ ସମୀର ଗିରି, ଗୁରୁମା ସବିତାରାଣୀ ସାହୁ, କାଞ୍ଚନବାଳା ଜେନା, ମାନସୀ ଦାସ, ମିନତି ଦାଶ, ଜ୍ୟୋସ୍ନାରାଣୀ ଦତ୍ତ, ସ୍ମୃତିରେଖା ବେହେରା, ସରସ୍ୱତୀ ପାତ୍ର, ରୋଜାଲିନ ଭୂୟାଁ, ଅର୍ପିତା ଜେନା, ଆୟା ନିୟତୀ ରଣା ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଓ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର,୨୦।୧୨(ସମିସ) : ଓଷ୍ଟା ସଂଘ ପକ୍ଷରୁ ବାଲେଶ୍ୱର ଜିଲ୍ଲାସ୍ତରୀୟ ଦୁଇଦିନିଆ ଶିଶୁ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଶନିବାର ଅପରାହ୍ନରେ ଉଦ୍‌ଘାଟିତ ହୋଇ ଯାଇଛି। ଶାଳିକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ଓଷ୍ଟାର ଜିଲ୍ଲା ସଭାପତି ମନୋରଞ୍ଜନ ଦାସ ସଭାପତିତ୍ୱ କରି ଉଦ୍ଦେଶ୍ୟ ଜ୍ଞାପନ କରି ଓଷ୍ଟା ସମଗ୍ର ରାଜ୍ୟର ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ହିତଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥାଏ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଯୋଗଦେଇ ପୁରାତନ ଯୁଗରୁ ଶିକ୍ଷକ-ଶିକ୍ଷାର୍ଥୀଙ୍କ ଅନାବିଳ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଚେୟାରମ୍ୟାନ ମାନସ ଜେନା, ପୌର ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜଳେଶ୍ୱର ଓଷ୍ଟା ସଂପାଦକ ହରେକୃଷ୍ଣ ଜେନା ପ୍ରମୁଖ ଯୋଗଦେଇ ୧୨ଟି ବ୍ଲକରୁ ଆସିଥିବା ୨୫୦ରୁ ଅଧିକ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଓଷ୍ଟା ଜିଲ୍ଲା ସଂପାଦକ ବିଜୟ କୁମାର



ବିଧାୟକ ଅଶ୍ୱିନୀ ପାତ୍ର ଯୋଗଦେଇ ଅଭିଭାବକମାନେ ଶିକ୍ଷାର୍ଥୀମାନଙ୍କ କେବଳ ପାଠ ପଢାରେ ସୀମିତ ନ ରଖି ବିଭିନ୍ନ ଅନ୍ତର୍ନିହିତ ଗୁଣକୁ ବିକାଶିତ କରିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶାଳିକୋଠା ସଂସ୍କୃତ ପାତ୍ର ବିବରଣୀ ପାଠ କରିଥିବା ବେଳେ ସରୋଜ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିଲେ। ବ୍ଲକ ଓଷ୍ଟା ସଭାପତି ସୁକୁମାର ମିଶ୍ର ଅତିଥି ସ୍ୱାଗତ କରିଥିବା ବେଳେ ବହୁ ଓଷ୍ଟା କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟତ୍ରୀ, ଶିକ୍ଷାର୍ଥୀ ଉତ୍ସବରେ ଉପସ୍ଥିତ ଥିଲେ।

● ଗୋପୀନାଥପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

## ଛାତ୍ରଛାତ୍ରୀଙ୍କ ପାଇଁ ପୂର୍ଣ୍ଣାଙ୍ଗ ଓ ପ୍ରୟୋଗାତ୍ମକ ଶିକ୍ଷା ଅପରିହାର୍ଯ୍ୟ



ବାଲେଶ୍ୱର(ଉତ୍ତର),୨୦।୧୨ (ସମିସ) : ଆଜିର ଅବକ୍ଷୟମୁଖୀ ଆଧୁନିକ ସମାଜକୁ ରକ୍ଷା କରିବାକୁ ହେଲେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପୂର୍ଣ୍ଣାଙ୍ଗ ତଥା ଗୁଣାଣକ ଓ ପ୍ରୟୋଗାତ୍ମକ ଶିକ୍ଷା ଯୋଗାଇ ଦେବା ଅପରିହାର୍ଯ୍ୟ ବୋଲି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୪୪ତମ ବାର୍ଷିକ ଉତ୍ସବରେ ଆୟୋଜିତ ସଭାରେ ମତପ୍ରକାଶ ପାଇଛି। ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର ପରିଚାଳନା କମିଟି ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗ ଦେଇ ଏକ ସୁସ୍ଥ ଓ ବିକଶିତ ସମାଜ ଗଠନ କରିବାକୁ ହେଲେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପ୍ରଣୀତ ପୂର୍ଣ୍ଣାଙ୍ଗ ଶିକ୍ଷା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ମନୋଜ-ମନ୍ମଥ ଫାଉଣ୍ଡେସନର ସମ୍ପାଦକ ତଥା ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ଣ୍ଣାଙ୍ଗ ଓ ପ୍ରୟୋଗାତ୍ମକ ଶିକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଯୋଗଦେଇ ଶିକ୍ଷା ଓ ଜ୍ଞାନକୁ ସମାଜ ସଂସ୍କାର ଓ ବିକାଶରେ ପ୍ରୟୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ମୁରଲୀ ମୋହନ ମହାନ୍ତି, ହରେକୃଷ୍ଣ ବେହେରା, କବି ଶ୍ରୀକୁମାର ଘୋଷ, ରଘୁନାଥ ମହାନ୍ତି, ପ୍ରମୁଖ ଯୋଗ ଦେଇ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପ୍ରଣୀତ ଶିକ୍ଷା ଓ ତାଙ୍କର ବିଭିନ୍ନ ବାଣୀ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ନମିତା ଦାସ ବିବରଣୀ ପାଠ କରିଥିଲା ବେଳେ ବିପିନ ବିହାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ କ୍ରୀଡା ଏବଂ ଶିକ୍ଷାରେ କୃତିତ୍ୱ ହାସଲ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ଓ ପାଠ୍ୟ ଉପକରଣ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଖୁଆଡ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଜଳେଶ୍ୱର,୨୦।୧୨(ସମିସ): ରାଇବଣିଆ ଅଞ୍ଚଳ ଖୁଆଡ ସ୍ଥିତ ପୁରାତନ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ୭୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଅନୁଷ୍ଠିତ ହେଇଯାଇଛି। ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ସୁଖଦେବ ପ୍ରମାଣିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ପୂର୍ବତନ ବିଇଓ ଲଲାଟେନ୍ଦୁ କେଶରୀ ଜେନା ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ଶିବ ଶଙ୍କର ସାହୁ, ପୁରାତନ ଛାତ୍ର ସଂସଦର ସମ୍ପାଦକ ଅନନ୍ତ କୁମାର ମହାନ୍ତି, ପ୍ରାକ୍ତନ ଶିକ୍ଷକ ଶିଶିର କୁମାର ଗାନ୍ଧୀ, ପୂରାତନ ଛାତ୍ର ଆଶିଷ କୁମାର ପାତ୍ର ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ନାୟକ ମଞ୍ଚାସୀନ ହୋଇ ବାର୍ଷିକ କ୍ରିଡ଼ା ଉତ୍ସବ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଦିବଂଗତ ସଂଚୟିତା ପାତ୍ରଙ୍କ ସ୍ମୃତି ଉଦେଶ୍ୟରେ ଦୁଇ ଜଣ ଶିକ୍ଷାର୍ଥୀଙ୍କୁ ସ୍କଲାର ସିପ୍ ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷୟତ୍ରୀ ସୋନାଲି ମଞ୍ଜରୀ ସାହୁ ମଞ୍ଚ ଆହ୍ୱାନ ଓ ସହକାରୀ ଶିକ୍ଷୟତ୍ରୀ ଶାରତୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟତ୍ରୀ ଅନୁସୂୟା ପଟ୍ଟାୟତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ସମସ୍ତ ପ୍ରତିଯୋଗିତାକୁ ଶିକ୍ଷକ ଦେବବ୍ରତ ସାସମଲ ପରିଚାଳନା କରିଥିଲା ବେଳେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରାବଣୀ ସାସମଲ, ସବିତା ଦାସ, ଦୁଲାଲି ଟୁଡୁ, ବିଶ୍ୱଜିତ ପଣ୍ଡା, ସମୀର ମହାନ୍ତ, ସୁଧୀର କୁମାର ଗିରି, ନୟନ ରଞ୍ଜନ ଦେ, ଶାଶ୍ୱତ ଦାସ, ବରେନ୍ଦ୍ର ଗାନ୍ଧୀ, ଇପ୍ସିତା ବେହେରା, ମୋନାଲିସା ବେରା, ମଧୁସ୍ମିତା ଘୋଷ, ସବିତା ବାସ୍କେ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ। ଶିକ୍ଷକ ବିଶ୍ୱଜିତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସାର୍ଥା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ଲଙ୍ଗଳେଶ୍ୱର, ୨୦।୧୨ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ସାର୍ଥା ପଞ୍ଚାୟତ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏକାଦଶ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନୁଚରଣ ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ମୁଖ୍ୟବକ୍ତା ଭାବେ ଡାକ୍ତର ଉପେନ୍ଦ୍ର ନାଥ ପାତ୍ର ଯୋଗଦେଇ




ଆଜିର ଶିଶୁ କାଲିର ଭବିଷ୍ୟତ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିର ର ସମ୍ପାଦକ ଲକ୍ଷ୍ମୀକାନ୍ତ ଜେନା, ପ୍ରଧାନ ଆଚାର୍ଯ୍ୟା ରାଜଲକ୍ଷ୍ମୀ ଦାସ, ସହ ପ୍ରଧାନ ଆଚାର୍ଯ୍ୟା ରୀତାରାଣୀ ଚଣ୍ଡ, ଆଚାର୍ଯ୍ୟ ସଞ୍ଜୟ କୁମାର ମଣ୍ଡଳ, ହରିପଦ ପାତ୍ର, ଆଚାର୍ଯ୍ୟା ମେଘମାଳା ଜେନା, ପ୍ରତିମା ପ୍ରିୟଦର୍ଶିନୀ ନାଥ, ସସ୍ମିତା ବେହେରା, କବିତା ସାହୁ, ଶୁଭଶ୍ରୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଦ୍ରୁତ ଗତିରେ କାର ଚଳାଇ ପର୍ଯ୍ୟଟକଙ୍କ ଉନ୍ମତ୍ତକାଣ୍ଡ

● ଗାଡ଼ି ଭଙ୍ଗାରୁଜାକଲେ ଉତ୍ତ୍ୟକ୍ତ ଲୋକେ

ଭୋଗରାଇ, ୨୦।୧୨(ସମିସ) : ଜନୈକ ବଙ୍ଗୀୟ ପର୍ଯ୍ୟଟକ ଶନିବାର ମଧ୍ୟାହ୍ନରେ ନିଶାସକ୍ତ ଅବସ୍ଥାରେ ଦ୍ରୁତ ଗତିରେ ଗାଡି





ଚଳାଇ ଓଡ଼ିଶା ପଶ୍ଚିମବଙ୍ଗ ସୀମାନ୍ତ ଉଦୟପୁର ବେଳାଭୂମି ରାସ୍ତାରେ ବହୁ ଟୋଟୋ ରିକ୍ସା ଓ ଅନ୍ୟ ପର୍ଯ୍ୟଟକଙ୍କୁ ଧକ୍କା ଦେବା ଫଳରେ ଲୋକମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଉଦୟପୁର ବନପାଳ କାର୍ଯ୍ୟାଳୟଠାରେ ଧରିଥିଲେ। ଉତ୍ତ୍ୟକ୍ତ ଲୋକ ମାନେ ଉକ୍ତ ମଦ୍ୟପ ପର୍ଯ୍ୟଟକ ଯୁବକ ଚଳାଉଥିବା ଗାଡ଼ିକୁ ଭଙ୍ଗା ରୁଜା କରିବା ସହିତ ଉକ୍ତ ନିଶାସକ୍ତ ଯୁବକକୁ ପ୍ରବଳ ମାଡ଼ ମାରିଥିଲେ। ଖବର ପାଇ ତାଳସାରି ସାମୁଦ୍ରିକ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର ସମେତ ଚାଳକ ଓ ଅନ୍ୟ ଜଣେ ପର୍ଯ୍ୟଟକଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛନ୍ତି। ଉତ୍ତ୍ୟକ୍ତ ଲୋକଙ୍କ ମାଡ଼ରେ ଆହତ ହୋଇଥିବା ଚାଳକକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଚିକିତ୍ସା କରିଥିବା ବେଳେ କାର ଧକ୍କାରେ ଆହତ ହୋଇଥିବା ଅନ୍ୟ ପର୍ଯ୍ୟଟକମାନେ ଦୀଘା ଷ୍ଟେଟ ଜେନେରାଲ ହସ୍ପିଟାଲକୁ ଯାଇ ଚିକିତ୍ସା ହୋଇଥିବା ଜଣା ପଡ଼ିଛି। ଥାନାରେ ଅଟକ ଥିବା ଦୁଇ ପର୍ଯ୍ୟଟକ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ ମାଧବ ଡ଼ିହି ଥାନା ଅଧୀନ ଟେଲି ପୁଖୁର ଗାଁର ରତନ ଚରଣ ଦତ୍ତଙ୍କ ପୁଅ ଅକ୍ଷୟ ଦତ୍ତ(୪୦) ଓ ବେଲା ଭୁକୁଣ୍ଡା ଗାଁର ରଥୀନ୍ଦ୍ର ଦତ୍ତ (୩୨) ବୋଲି ଜଣା ପଡ଼ିଛି। ପୁଲିସ ଉକ୍ତ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।

# ତହସିଲ ଅଫିସ୍ ସମ୍ମୁଖରେ ଏସ୍‌ୟୁସିଆଇର ବିକ୍ଷୋଭ

ଭୋଗରାଇ,୨୦।୧୨(ସମିସ)




ଏସୟୁସିଆଇ (କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ଆହ୍ୱାନରେ ସାରା ରାଜ୍ୟରେ ଜନଜୀବନର ମୌଳିକ ସମସ୍ୟା ସମାଧାନ ଦାବିରେ ଆଜି ଏସୟୁସିଆଇ (କମ୍ୟୁନିଷ୍ଟ) ଭୋଗରାଇ ଲୋକାଲ କମିଟି ନେତୃତ୍ୱରେ ସାତ ଦଫା ଦାବିନେଇ ଭୋଗରାଇ ତହସିଲ ଅଫିସ ସମ୍ମୁଖରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଦେହୁର୍ଦ୍ଦା ପଞ୍ଚାୟତ ଅଧୀନ ଥାନାଛକ ବସ୍‌ଷ୍ଟାଣ୍ଡରୁ ଏକ ବିରାଟ ପଟୁଆର ବାହାରି ବିଭିନ୍ନ ନାରାଦେଇ ଭୋଗରାଇ ତହସିଲ ଅଫିସ ସମ୍ମୁଖରେ ପହଂଚିଥିଲା। ସେଠାରେ ଭୋଗରାଇରୁ ପାଣି ନିଷ୍କାସନ ଓ ବନ୍ୟା ନିୟନ୍ତ୍ରଣ ପାଇଁ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଅବିଳମ୍ବେ କାର୍ଯ୍ୟକାରୀ କରିବା, ଅବେଦନ କରିଥିବା ସମସ୍ତ ଭୂମିହୀନମାନଙ୍କୁ ଘରବାଡି ପଟ୍ଟା ସହିତ ଦୁଇ ବଖରା ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବା, ନାରୀ ନିର୍ଯାତନା ବନ୍ଦ କରିବା, ମଦ ଓ ମାଦକ ଦ୍ରବ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ସରକାର ବନ୍ଦ କରିଥିବା ସ୍କୁଲକୁ ଖୋଲି ନୂତନ ଆଡମିସନ ଆରମ୍ଭ କରିବା, ଟାଟା କମ୍ପାନୀ ଆଦାୟ କରୁଥିବା ଅତିରିକ୍ତ ସୁରକ୍ଷା ଜମା ବନ୍ଦ କରିବା, ଓଡିଶାର ବିଭିନ୍ନ ସ୍ଥାନରେ ଅଧିବାସୀମାନଙ୍କୁ ଉଚ୍ଛେଦ କରି ବହୁ ଜାତୀୟ କମ୍ପାନୀକୁ ଜମି ଟେକିଦେବା ବନ୍ଦ କରିବା ଆଦି ୭ ଦଫା ଦାବି ସମ୍ପର୍କରେ ବିକ୍ଷୋଭ କରିଥିଲେ। ତହସିଲ ଅଫିସ ସମ୍ମୁଖରେ ଆଞ୍ଚଳିକ ସମ୍ପାଦିକା କମ୍ରେଡ କ୍ରିଷ୍ଣାରାଣୀ ସାହୁଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା ସମ୍ପାଦକ କମ୍ରେଡ ନିରାକାର ପାଣ୍ଡବ, ଲୋକାଲ କମିଟି ସଦସ୍ୟ ହରେକୃଷ୍ଣ ଦାସ, ସସ୍ମିତା ମହାନ୍ତି, ସରୋଜିନୀ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖି ସରକାରଙ୍କ ଜନମାରଣ ନୀତିକୁ ତୀବ୍ର ନିନ୍ଦା କରିଥିଲେ। ପରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ସୂର୍ଯ୍ୟ କୁମାର ନାୟକଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

